# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**6 June – 2025**

## ପି.ଏମ୍. - ୟୁ.ଏସ୍.ବି.ଆର୍.ଏଲ୍. ଜେ.କେ.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜମ୍ମୁ-କଶ୍ମୀର ଗସ୍ତ ଅବସରରେ ଆଜି ଉଦ୍ଧମପୁର-ଶ୍ରୀନଗର-ବାରମୁଲା ରେଳ ସଂଯୋଗ ପ୍ରକଳ୍ପକୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ପ୍ରାୟ ୪୪ ହଜାର କୋଟି ଟଙ୍କା ବ୍ୟୟରେ ୨୭୨ କିଲୋମିଟର ଦୀର୍ଘ ଏହି ପ୍ରକଳ୍ପ ନିର୍ମିତ ହୋଇଛି । ସମ୍ପୂର୍ଣ୍ଣ ବିଦ୍ୟୁତକରଣ ହୋଇଥିବା ଏହି ରେଳଲାଇନ୍‌ରେ ୩୬ଟି ସୁଡ଼ଙ୍ଗ ଏବଂ ୯୪୩ଟି ସେତୁ ରହିଛି । ଚେନାବ ସେତୁ ଏବଂ ପ୍ରଥମ କେବୁଲ ମାଧ୍ୟମରେ ସଂଯୁକ୍ତ ଅଞ୍ଜି ରେଳ ସେତୁର ମଧ୍ୟ ପ୍ରଧାନମନ୍ତ୍ରୀ ଲୋକାର୍ପଣ କରିବେ। ଚେନାବ ନଦୀ ଉପରେ ୩୫୯ ମିଟର ଉଚ୍ଚତାରେ ଅବସ୍ଥିତ ଚେନାବ ସେତୁ ହେଉଛି ବିଶ୍ୱର ସର୍ବୋଚ୍ଚ ରେଳ ତୋରଣ ସେତୁ ।

## କ୍ୟାବିନେଟ୍ ବୈଠକ

ରାଜ୍ୟ କ୍ୟାବିନେଟ ବୈଠକ ଆଜି ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନଠାରେ କ୍ୟାବିନେଟ୍ ବୈଠକ ବସିବ। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

# ନିଯୁକ୍ତିପତ୍ର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ରେଳ ଅଡିଟୋରିୟମ୍‌ରେ ୭ଟି ବିଭାଗ ପାଇଁ ୧ ହଜାର ୨୪୮ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ । ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ, ବିଦ୍ୟାଳୟ ଓ ଗଣଶିକ୍ଷା,ଦକ୍ଷତା ବିକାଶ, ବାଣିଜ୍ୟ ଓ ପରିବହନ  ଆଦି ବିଭାଗର ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ ।

---

# ସମ୍ମିଳନୀ

ରାଜସ୍ୱ ଅଧିକାରୀମାନଙ୍କୁ ଜନସାଧାରଣ ତଥା ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ପରାମର୍ଶ ଦେଇଛନ୍ତି । ରାଜସ୍ୱ ଅଧିକାରୀମାନଙ୍କ ଦୁଇଦିନିଆ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରଶାସନକୁ ଲୋକମାନଙ୍କ ନିକଟତର କରାଇବାରେ ରାଜସ୍ୱ ଅଧିକାରୀମାନେ ସହାୟକ ହୋଇପାରିବେ ବୋଲି କହିଛନ୍ତି ।

---

# ଲାବୋରେଟୋରୀ ଉଦ୍‌ଘାଟନ

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଭୁବନେଶ୍ୱରର ନୟାପଲ୍ଲୀରେ ରାଜ୍ୟର ପ୍ରଥମ ଅତ୍ୟାଧୁନିକ ଡିପ୍ ନିଉରାଲ୍ ନେଟଓ୍ୱର୍କ ପରୀକ୍ଷାଗାରକୁ ଉଦ୍‌ଘାଟନ କରିଛନ୍ତି । ମାନବ ବିହୀନ ବାୟୁଯାନ, କୃତ୍ରିମ ବୁଦ୍ଧିମତ୍ତା, ହାଇପରସୋନିକ୍ ବିପଦ ଚିହ୍ନଟ ଉପରେ ଗବେଷଣାକୁ ପ୍ରୋତ୍ସାହିତ କରିବା

ଲାଗି ଏହି ଲାବୋରେଟୋରୀ ସହାୟକ ହେବ । ଏହି ଅବସରରେ ଏଲ୍ଇ ଗଭର୍ଣ୍ଣସ୍ ଓ ଆଇ.ଟି. ସଲ୍ୟୁସନ୍ସ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

---

## ଜନଶୁଣାଣି

ଚଳିତମାସ ୯ ତାରିଖରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଆଜି ପୂର୍ବାହ୍ନ ୧୧ଟାରୁ ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ ହେବ । ଆଗ୍ରହୀ ଜନସାଧାରଣ **janasunani.odisha.gov.in** ପୋର୍ଟାଲ ଜରିଆରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଅଣପଞ୍ଜୀକୃତ ଆବେଦନକାରୀଙ୍କ ଅଭିଯୋଗପତ୍ର ଗୁଡ଼ିକ ମଧ୍ୟ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି ।

---

## ଗରିବ କଲ୍ୟାଣ ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗରିବ ଲୋକଙ୍କୁ ଆର୍ଥିକ ସହାୟତା ତଥା ମୌଳିକ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ମହମାରୀ କୋଭିଡ ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଆରମ୍ଭ କରାଯାଇଥିଲା । ଏହି ଯୋଜନାରେ ଏପର୍ଯ୍ୟନ୍ତ ୮୧ କୋଟିରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ମାଗଣାରେ ଖାଦ୍ୟାନ୍ନ ପ୍ରଦାନ କରାଯାଇଛି । ସେହିଭଳି ପିଏମ୍ ଆବାସ ଯୋଜନାରେ ୪ କୋଟିରୁ ଉର୍ଦ୍ଧ୍ୱ

ପକ୍କାଘର ନିର୍ମାଣ କରାଯାଇଛି । ଲୋକଙ୍କୁ ସ୍ୱାଭିମାନର ସହ ବଞ୍ଚିବାର ଅଧିକାର ଦେବା ପାଇଁ ୧୨କୋଟିରୁ ଅଧିକ ଶୌଚାଳୟ ନିର୍ମାଣ କରାଯାଇଥିବା ବେଳେ  ଉଜ୍ଜ୍ୱଳା ଯୋଜନା ଅଧୀନରେ ୧୦ କୋଟିରୁ ଅଧିକ ଗ୍ୟାସ୍ ସଂଯୋଗ କରାଯାଇଛି । ସମ୍ବଲପୁରରେ କାର୍ଯ୍ୟକାରୀ ହେଉଥିବା ଗରିବ କଲ୍ୟାଣ ଯୋଜନା ହିତାଧିକାରୀଙ୍କ ପାଖରେ କିଭଳି ଭାବେ ପହଞ୍ଚି ପାରୁଛି, ଏ ସଂପର୍କରେ ଅଧିକ ସୂଚନା ଦେଉଛନ୍ତି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର :

**V/O**

# ଧାନକିଣା

ଚଳିତ ରବିଋତୁରେ ଏପର୍ଯ୍ୟନ୍ତ ୮୮ ହଜାର ଚାଷୀଙ୍କଠାରୁ ୬ ଲକ୍ଷ ୬ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି । ଚାଷୀମାନଙ୍କୁ ଧାନ ସଂଗ୍ରହ ବାବଦରେ ୧ ହଜାର ୫୬୬ କୋଟି ଟଙ୍କା ପ୍ରଦାନ କରାଯାଇଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଯୋଗାଣ ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ଶ୍ରୀ ପାତ୍ର ମୌସୁମୀ ବର୍ଷାକୁ ଦୃଷ୍ଟିରେ ରଖି ଧାନ ସଂଗ୍ରହ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ମନ୍ତ୍ରୀ  ରାଜ୍ୟରେ ଥିବା ୨୧୪ଟି ଗୋଦାମ ଗୃହର ଆଧୁନିକୀକରଣ ଓ କ୍ଷମତା ବୃଦ୍ଧି କରାଯିବ ବୋଲି ସୂଚନା ଦେଇଛନ୍ତି ।

# ଜଳଜୀବନ ମିଶନ

କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାରେ ଜଳଜୀବନ ମିଶନ ଅଧୀନରେ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ସମୀକ୍ଷା କରାଯାଇଛି । ବୈଠକରେ ଭୂବିଜ୍ଞାନ ମନ୍ତ୍ରଣାଳୟର ନିର୍ଦ୍ଦେଶକ କେଶବ କୁମାର ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

---

# ଆକାଶବାଣୀ–ଚାରାରୋପଣ

ଆକାଶବାଣୀ କଟକ କେନ୍ଦ୍ର ପରିସରରେ ଗତକାଲି ବିଶ୍ୱ ପରିବେଶ ଦିବସ ଅବସରରେ ଏକ୍ ପେଡ୍ ମାଁ କେ ନାମ୍ ଅଧୀନରେ ଚାରା ରୋପଣ କରାଯାଇଛି । କେନ୍ଦ୍ର ନିର୍ଦ୍ଦେଶକ ଭି.ଏମ୍. ରତ୍ନପ୍ରସାଦ, ଆଞ୍ଚଳିକ ସମ୍ବାଦ ବିଭାଗ ମୁଖ୍ୟ ଡକ୍ଟର ସତ୍ୟନାରାୟଣ ପଟ୍ଟନାୟକଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏହି ଅବସରରେ ଚାରା ରୋପଣ କରିଥିଲେ ।

---

## ରାଜେନ୍ଦ୍ରାଭିଷେକ ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ରୁକ୍ମିଣୀ ହରଣ ଏକାଦଶୀ ନୀତି ଅନୁଷ୍ଠିତ ହେବ । ମହାପ୍ରଭୁଙ୍କର ସନ୍ଧ୍ୟା ଧୂପ ପରେ ଏହି ନୀତି କରାଯିବ ।

---

# ଫୁଟବଲ

ରାଜ୍ୟ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଫୁଟ୍‌ବଲ୍ ସଂଘ ପକ୍ଷରୁ ଚାଲିଥିବା ୧୫ ବର୍ଷରୁ କମ୍ ଆନ୍ତଃଜିଲ୍ଲା ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟରେ

ଭୁବନେଶ୍ୱର ଏଫ୍‌ସି ଓ ବରଗଡ଼ ଏଫ୍‌ସି ଫାଇନାଲ୍‌କୁ ପ୍ରବେଶ କରିଛନ୍ତି । ଗତକାଲି ଖେଳାଯାଇଥିବା ସେମିଫାଇନାଲ୍ ମ୍ୟାଚ୍‌ରେ ଭୁବନେଶ୍ୱର' ନବରଙ୍ଗପୁରକୁ ୧୬-୦ ଗୋଲ୍‌ରେ ପରାସ୍ତ କରିଥିବା ବେଳେ ବରଗଡ଼ ୨-୧ ଗୋଲ୍‌ରେ ଯାଜପୁର ଏଫ୍‌ସିକୁ ପରାସ୍ତ କରିଥିଲା ।

---